# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
### 14th November - 2024
### News Editor : *Itishree Singh Rathaur*

*********************************

***Desk***

## କ୍ୟାବିନେଟ୍

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଗତକାଲି ରାଜ୍ୟ କ୍ୟାବିନେଟ୍ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବିଭିନ୍ନ ବିଭାଗର ୮ଟି ପ୍ରସ୍ତାବକୁ ମଞ୍ଜୁରି ପ୍ରଦାନ କରାଯାଇଛି । ନିଯୁକ୍ତି ପରୀକ୍ଷାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ଓଡ଼ିଶା ସାର୍ବଜନୀନ ପରୀକ୍ଷା ଆଇନ-୨୦୨୪ ପ୍ରସ୍ତୁତ କରାଯିବ । ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗର ୫ଟି, ସାଧାରଣ ପ୍ରଶାସନ ବିଭାଗ ଏବଂ ଜଳ ସମ୍ପଦ ବିଭାଗର ଗୋଟିଏ ଲେଖାଏଁ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରି ପ୍ରଦାନ କରିଛନ୍ତି । ରାଜ୍ୟରେ ପ୍ରାଣୀସମ୍ପଦ ସମୃଦ୍ଧି, ଏକ୍ଷେତ୍ରରେ ଭିତ୍ତିଭୂମି ବିକାଶ, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ଆଦି କାର୍ଯ୍ୟକ୍ରମ ପାଇଁ ଅର୍ଥ ବରାଦ କରାଯାଇଛି । ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଅନିୟମିତତା ରୋକିବାପାଇଁ ଓଡ଼ିଶା ସାର୍ବଜନୀନ ପରୀକ୍ଷା ଆଇନ-୨୦୨୪ ମାଧ୍ୟମରେ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ବ୍ୟବସ୍ଥା ରହିବ ବୋଲି ଶ୍ରୀ ଆହୁଜା କହିଛନ୍ତି ।

***BBSR/R***

## ଆନ୍ତଃରାଜ୍ୟ ବିବାଦ ପ୍ରସଙ୍ଗ

ବିଭିନ୍ନ ପ୍ରସଙ୍ଗରେ ଅନ୍ୟ ରାଜ୍ୟ ସହିତ ରହିଥିବା ମତଭେଦର ସମାଧାନ ଲକ୍ଷ୍ୟରେ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ କମିଟିରେ ଏହି ନିଷ୍ପତ୍ତି ନିଆଯାଇଛି । ଆନ୍ତଃ ରାଜ୍ୟ ବିବାଦ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି । ଏହି ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଆଡ୍‌ଭୋକେଟ୍ ଜେନେରାଲ ଏବଂ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଯୋଗ ଦେଇଥିଲେ ।

***BBSR/R***

## ଧାନସଂଗ୍ରହ

ବରଗଡ଼ ଜିଲ୍ଲା ସୋହେଲାଠାରେ ଆସନ୍ତା ମାସ ୮ ତାରିଖରେ ରାଜ୍ୟସ୍ତରୀୟ କୃଷକ ସମାବେଶ ଅନୁଷ୍ଠିତ ହେବ । ରାଜ୍ୟରେ ଧାନସଂଗ୍ରହକୁ ସୁବ୍ୟବସ୍ଥିତ କରିବା ଏବଂ କୃଷକ ସମାବେଶ ଆୟୋଜନ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ଆଭାସୀ ମାଧ୍ୟମରେ ଜିଲ୍ଲାପାଳମାନଙ୍କ ସହ ଆଲୋଚନା କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଆସନ୍ତା ୨୦ ତାରିଖରୁ

ରାଜ୍ୟରେ ଧାନସଂଗ୍ରହ ଆରମ୍ଭ ହେବ । ପ୍ରଥମେ ବରଗଡ଼ ଜିଲ୍ଲାରୁ ଆରମ୍ଭ ହୋଇ ପର୍ଯ୍ୟାୟକ୍ରମେ ଅନ୍ୟ ଜିଲ୍ଲାଗୁଡ଼ିକରେ ସଂଗ୍ରହ ପ୍ରକ୍ରିୟା ଚାଲିବ । ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ୍ ପିଛା ୨ ହଜାର ୩୦୦ ଟଙ୍କାରେ ଧାନ ସଂଗ୍ରହ କରାଯିବ । କୃଷକ ସମାବେଶରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କୃଷକମାନଙ୍କୁ ଧାନର କୁଇଣ୍ଟାଲ୍ ପିଛା ଅତିରିକ୍ତ ୮୦୦ ଟଙ୍କା ପ୍ରଦାନ କରିବେ ବୋଲି ଜଣାପଡ଼ିଛି ।

***IPR***

## ନ୍ୟାୟପାଳିକା ବୈଠକ

ଗଣତାନ୍ତ୍ରିକ ବିଧିବ୍ୟବସ୍ଥାରେ ପରିବର୍ତ୍ତିତ ପରିସ୍ଥିତି ଏବଂ ବିଭିନ୍ନ ବର୍ଗର ଲୋକଙ୍କ ସୁବିଧା ଅସୁବିଧାକୁ ଦୃଷ୍ଟିରେ ରଖି ଆଇନ ପ୍ରଣୟନ କରାଯାଇଥାଏ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି । ବିଧାନସଭା ନୂତନ ସମ୍ମିଳନୀ କକ୍ଷଠାରେ ଆୟୋଜିତ ଓଡ଼ିଶା ବିଚାର ବିଭାଗୀୟ ଅଧିକାରୀ ଶିକ୍ଷାନବୀଶଙ୍କ ଜ୍ଞାନସଂସ୍କାର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ବାଚସ୍ପତି ଏହା କହିଛନ୍ତି । ତ୍ୱରିତ ନ୍ୟାୟ ପ୍ରଦାନ ଏବଂ ଏହାର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ଉପରେ ବାଚସ୍ପତି ଗୁରୁତ୍ୱାରୋପ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉପବାଚସ୍ପତି ଭବାନୀଶଙ୍କର ଭୋଇ ପ୍ରମୁଖ ଯୋଗଦେଇ ବିଧାନସଭା ଏବଂ ନ୍ୟାୟପାଳିକାର କାର୍ଯ୍ୟଶୈଳୀ ଉପରେ ଆଲୋକପାତ କରିଥିଲେ ।

***BBSR/R***

# ମନ୍ତ୍ରୀ - ବିମାନଯାତ୍ରା

ରାଜ୍ୟ ସରକାର ଉଭୟ କ୍ୟାବିନେଟ୍ ଏବଂ ରାଷ୍ଟ୍ରମନ୍ତ୍ରୀ ସରକାରୀ ଗସ୍ତ ସମୟରେ ବିଜିନେସ୍ କିମ୍ବା କ୍ଲବ୍ ଶ୍ରେଣୀରେ ବିମାନ ଯାତ୍ରା କରିପାରିବେ ବୋଲି ନିଷ୍ପତ୍ତି ନେଇଛନ୍ତି । ଅର୍ଥ ବିଭାଗର ସହମତି ଆଧାରରେ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ଏ ସଂକ୍ରାନ୍ତ ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ରାଜ୍ୟ ସରକାର ଗତ ସେପ୍ଟେମ୍ବର ମାସରେ ଗ୍ରୁପ୍-ଏ' ଅଧିକାରୀଙ୍କୁ ରାଜ୍ୟ ମଧ୍ୟରେ ସରକାରୀ କାର୍ଯ୍ୟପାଇଁ ବିମାନ ଯାତ୍ରା ସଂକ୍ରାନ୍ତ ଅନୁମତି ପ୍ରଦାନ କରିଥିଲେ ।

***Sambalpur/R***

# ଆନ୍ତର୍ଜାତିକ ଜଳସମ୍ପଦ କର୍ମଶାଳା

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ - ଭିସୁଟ୍‌ର ସିଭିଲ୍ ଇଞ୍ଜିନିୟରିଂ ବିଭାଗରେ 'ବିଶ୍ୱବ୍ୟାପୀ ଜଳସମ୍ପଦ ପରିଦୃଶ୍ୟ' ଶୀର୍ଷକ ଏକ ଆନ୍ତର୍ଜାତିକ କର୍ମଶାଳା ଅନୁଷ୍ଠିତ ହୋଇଛି । ଆମେରିକାର ଏକ ସଂସ୍ଥାଦ୍ୱାରା ଆୟୋଜିତ ଏହି କର୍ମଶାଳାରେ ବିଶ୍ୱ ସ୍ତରରେ ଜଳସମ୍ପଦର ଉପଲବ୍ଧତା, ବିତରଣ, ଗୁଣବତ୍ତା ଏବଂ ବ୍ୟବହାର ସମ୍ପର୍କରେ ବିଶ୍ଳେଷଣ କରାଯାଇଥିଲା । ଜଳାଭାବ, ପ୍ରଦୂଷଣ ଏବଂ ପରିବର୍ତ୍ତିତ ପରିସ୍ଥିତିର ମୁକାବିଲା ନେଇ ବିଶେଷଜ୍ଞମାନେ ମତ ବିନିମୟ କରିଥିଲେ ।

*Puri/R*

# ତ୍ରିବିକ୍ରମ ବେଶ

ପୁରୀ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କର ଆଡ଼କିଆ ତଥା ତ୍ରିବିକ୍ରମ ବେଶ ଅନୁଷ୍ଠିତ ହେବ । କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ତିଥିରେ ଠାକୁରଙ୍କ ଏହି ବେଶ ଅବକାଶ ନୀତି ପରେ ଅନୁଷ୍ଠିତ ହେବ । ଏହି ବେଶ ଦର୍ଶନ ଲାଗି ଶ୍ରୀମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି ।

*Desk*

# ଶିଶୁଦିବସ

ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ୍ ନେହେରୁଙ୍କ ଜନ୍ମଦିବସ ଉପଲକ୍ଷେ ସମଗ୍ର ଦେଶରେ ଆଜି ଶିଶୁଦିବସ ପାଳନ କରାଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି । ଭିନ୍ନ ଭିନ୍ନ ବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଏବଂ ମନ୍ତ୍ରୀ ଶ୍ରୀ ଗଣ୍ଡ ଶିଶୁମାନଙ୍କୁ ଗୁଣାତ୍ମକ ଶିକ୍ଷା, ବିଦ୍ୟାଳୟ ପରିବେଶ ଏବଂ ଶିଶୁସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ରାଜ୍ୟସ୍ତରୀୟ ଶିଶୁଦିବସ ସମାରୋହ 'ସୁରଭି'ର ଉଦ୍‌ଯାପନୀ ଆଜି ଭୁବନେଶ୍ୱର ୟୁନିଟ୍-୩ସ୍ଥିତ କ୍ୟାପିଟାଲ୍ ହାଇସ୍କୁଲ୍ ପରିସରରେ ଅନୁଷ୍ଠିତ

ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

***Desk***

# ପାଣିପାଗ

ରାଜ୍ୟର ଅଧିକାଂଶ ସ୍ଥାନରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ପାଗ ମୁଖ୍ୟତଃ ଶୁଖିଲା ରହିବ । ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବ ନାହିଁ । ତେବେ ଏହାପରେ ବିଭିନ୍ନ ଜିଲ୍ଲାରେ ରାତି ତାପମାତ୍ରା ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ପାଇପାରେ ବୋଲି ପାଣିପାଗ ବିଭାଗ କହିଛି ।

*****